ଶ୍ରୀମତି ମଞ୍ଜୁଲତା ରାଉତ

ସ୍ୱାମୀ:ଅଶୋକ କୁମାର୍ ରାଉତ

ଗ୍ରାମ:ଡାଙ୍ଗୁଲା ପଲ୍ଲୀ

ବ୍ଲକ୍: ଭଞ୍ଜନଗର୍

ଜିଲ୍ଲା:ଗଞ୍ଜାମ

ଫୋନ୍ ନଂ:୭୩୭୨୧୬୭୮୨୪



**ପ୍ରାକ୍ ସୂଚନା**: ଶ୍ରୀମତି ମଞ୍ଜୁଲତା ରାଉତ ଏକ ସଫଳ ଛତୁ ଚାଷୀ । ଛତୁ ଚାଷ ସହିତ ପନିପରିବା ଚାଷ ଓ ଗୋପାଳନ ମଧ୍ୟ କରିଥାନ୍ତି। ଛତୁ ଅମଳ ହେବା ପରେ ଛତୁ ଚାଷରେ ବ୍ୟବହୃତ ନଡା ଅଦରକାରୀ ହୋଇଯାଏ ଏବଂ ପରିବେଶକୁ ପ୍ରଦୂଷିତ କରିଥାଏ  ଏହି ବ୍ୟବହୃତ ନଡାକୁ ବ୍ୟବହାର କରି ଜିଆ ଖତ ପ୍ରସ୍ତୁତି ନିମନ୍ତେ ୨୦୧୯ ମସିହାରେ ସେ କୃଷି **ବିଜ୍ଞାନ** କେନ୍ଦ୍ର ଗଞ୍ଜାମସହିତ ଯୋଗଯୋଗ କରିଥିଲେ ।

**କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା**: କୃଷି **ବିଜ୍ଞାନ** କେନ୍ଦ୍ର ଛତୁ ଚାଷରେ ବ୍ୟବହୃତ ନଡାକୁ ବ୍ୟବହାର କରି ଜିଆ ଖତ ପ୍ରସ୍ତୁିତ ଉପରେ ବିଭିନ୍ନ ଦକ୍ଷତା ଭିତିକ ତାଲିମ୍ କାର୍ଯ୍ୟକ୍ରମରେ  ଶ୍ରୀମତି ମଞ୍ଜୁଲତା ରାଉତ କୁ ଅର୍ନ୍ତଭୁକ୍ତ କରିଥିଲା  । ଏବଂ ଡାଙ୍ଗୁଲା ପଲ୍ଲୀ ଗ୍ରାମରେ ଏକ ଆଗଧାଡି କ୍ଷେତ୍ର ପ୍ରର୍ଦଶନ କରାଯାଇଥିଲା ଏହା ପରେ ସେ  ନିଜସ୍ୱ ଉଦ୍ୟମରେ ୧୦ ଟି ପଲିଥିନ୍ କୁଣ୍ଡରେ ଜିଆ ଖତ ପ୍ରସ୍ତୁତ ଆରମ୍ଭ କରିଥିଲେ ସେଥି ନିମନ୍ତେ କୃଷି **ବିଜ୍ଞାନ** କେନ୍ଦ୍ର ତରଫରୁ ଉନ୍ନତ ମାନର ଜିଆ  ଏବଂ ବୈଷୟିକ  ଜ୍ଞାନ କୌଶଳ ପ୍ରଦାନ କରାଯାଇଥିଲା ପ୍ରତି  ସେ ବର୍ତମାନ ପ୍ରତି ୯୦ଦିନ ଅନ୍ତରରେ ଜିଆ ଖତ ପ୍ରସ୍ତୁତ କରୁଛନ୍ତି । ଛତୁ ଚାଷ , ଗୋପାଳନ , ଜିଆଖତ ପ୍ରସ୍ତୁତି ଏବଂ ପନିପରିବା ଚାଷ ତାଙ୍କର ଆର୍ଥିକ ମାନ ଦଣ୍ଡକୁ ବୃଦ୍ଧିକରିପାରିଛି

**ବର୍ତମାନର ସ୍ଥିତି ଓ ରୋଜଗାର** : ଜିଆଖତ ପ୍ରସ୍ତୁତ କରି ଜୈବିକ ଉପାୟରେ ପନିପରିବା ଚାଷ କରିବା ସହିତ ଏହି ଖତକୁ ବିଭିନ୍ନ ଜାଗାରେ ମଧ୍ୟ ବିକ୍ରୟ କରିପାରୁଛନ୍ତି । ଭଂଜନଗର ସ୍ଥିତ ଜଙ୍ଗଲ ବିଭାଗ କୁ ଚାରା ପ୍ରସ୍ତୁତି ନିମନ୍ତେ ପ୍ରର୍ଯ୍ୟାପ୍ତ ପରିମାଣରେ ଜିଆ ଖତ ସୁଲଭ ଦରରେ ସେ ବିକ୍ରି କରିପାରିଛନ୍ତି । ଏତଦ୍‌ବ୍ୟତୀତ  ଭୁବନେଶ୍ୱର ବିଭିନ୍ନ ବ୍ୟବସାୟୀ ମାନେ ମଧ୍ୟ  ତାଙ୍କ ଠାରୁ ଜିଆଖତ କିଣିନେଉଛନ୍ତି ଏହି ଉଦ୍ୟୋଗ ଦ୍ୱାରା ସେ ବର୍ଷକୁ ୧,୯୦,୦୦୦ ରୋଜଗାର କରିପାରୁଛନ୍ତି ଏବଂ ୨ ଜଣ ସ୍ଥାନୀୟ ମହିଳାଙ୍କୁ

ଜିଆ ଖତ ପ୍ରସ୍ତୁତି, ଅମଳ ଏବଂ ପ୍ୟାକେଟ୍ କରିବାର୍ କାମରେ ଲଗାଇ ରୋଜଗାର୍ ଦେଇପାରୁଛନ୍ତି । ଏହା ଛଡା ଛତୁ ଚାଷ ,ଗୋପାଳନ ଏବଂ ପନିପରିବା ଚାଷରୁ ପ୍ରାୟ ୨,୨୦,୦୦୦ ରୋଜଗାର୍ କରିପାରୁଛନ୍ତି । ଏବଂ ତାଙ୍କର୍ ବର୍ତମାନ ପରିବାରର୍ ବାର୍ଷିକ ରୋଜଗାର୍ ୪,୧୦,୦୦୦ ।

**ପ୍ରଭାବ:**ଶ୍ରୀମତି ମଞ୍ଜୁଲତା ରାଉତ ଏକ ସଫଳ ମହିଳା ଉଦ୍ୟୋଗୀ ।  ବିଭିନ୍ନ ଗ୍ରାମର୍ ସ୍ୱୟଂସହାୟକ ଗୋଷ୍ଠୀ ର୍ ମହିଳା ମାନେ ତାଙ୍କ ଗ୍ରାମକୁ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇ ତାଙ୍କ ଠାରୁ ଜ୍ଞାନ କୌଶଳ ଗ୍ରହଣ କରୁଛନ୍ତି ।ଜିଆଖତ ପ୍ରସ୍ତୁତ କରି ସେ ତାଙ୍କ ପନିପରିବା ଚାଷକୁ ସଂପୂର୍ଣ ଜୈବିକ ଉପାୟରେ ଚାଷ କରୁଛନ୍ତି । ଏବଂ ସୁସ୍ଥ ପରିବେଶ ଗଠନରେ ଏକ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରୁଛନ୍ତି।








